ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV

Follow us: Facebook YouTube Twitter

ବର୍ଷ-୬ | ସଂଖ୍ୟା-୩ | ବୁଧବାର | ୨୬ ମାର୍ଚ୍ଚ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-3 | Wednesday | 26 March 2025 | Bhubaneswar | Pages-8 | Rs. 2.00

## ୨ ଦିନିଆ ଓଡ଼ିଶା ଗସ୍ତ ସାରି ନୂଆଦିଲ୍ଲୀ ଫେରିଗଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



ଭୁବନେଶ୍ୱର, ୨୫।୩ (ଡିକେ ନ୍ୟୁଜ୍): ୨ ଦିନିଆ ଓଡ଼ିଶା ଗସ୍ତ ସାରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ନୂଆଦିଲ୍ଲୀ ଫେରିଛନ୍ତି। ସେ ସକାଳ ୯ଟା ବେଳେ ରାଜଭବନରୁ ବାହାରି ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ଛତିଶଗଡ଼ ରାୟପୁରର ସ୍ୱାମୀ ବିବେକାନନ୍ଦ ବିମାନବନ୍ଦରରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ବିମାନବନ୍ଦରରେ ପହଞ୍ଚିବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ସ୍ୱାଗତ କରିଥିଲେ। ଏହାପରେ ରାଷ୍ଟ୍ରପତି କଣ୍ଟିଲୋ ନୀଳମାଧବ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। କଣ୍ଟିଲୋସ୍ଥିତ ଅତିଥି ଭବନରେ ସାମୟିକ ବିଶ୍ରାମ ନେବା ପରେ ଅପରାହ୍ଣ ୩ଟା ୫ ମିନିଟରେ ନୀଳମାଧବ ମନ୍ଦିର ଦର୍ଶନ କରିଥିଲେ। ଅପରାହ୍ଣ ୩ଟା ୩୫ ମିନିଟରେ ନୟାଗଡ଼ର କାଳିଆପଲ୍ଲୀଠାରେ ଭାରତୀୟ ବିଶ୍ୱାବସୁ ସମାଜ ଫାଉଣ୍ଡେସନର ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୟାଗଡ଼ ଜିଲ୍ଲା କଣ୍ଟିଲୋ ନୀଳମାଧବ ପୀଠରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଭାପୁର ବ୍ଲକ୍ କାଳିଆପଲ୍ଲୀଠାରେ ଭାରତୀୟ ବିଶ୍ୱାବସୁ ଶବର ସମାଜର ପ୍ରତିଷ୍ଠା ଦିବସ ସମାରୋହରେ ଯୋଗ ଦେଇଥିଲେ। ଆୟୋଜିତ ସମାବେଶକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଥିଲେ, ହଜାର ହଜାର ବର୍ଷ ତଳର ଶବର ପଲ୍ଲୀର ଅସ୍ତିତ୍ୱ ଆଜି ବି ଉଜ୍ଜୀବିତ ରହିଛି। ଏଠାରେ ବିଶ୍ୱାବସୁ ଜଗନ୍ନାଥଙ୍କୁ ନୀଳମାଧବ ରୂପେ ପୂଜା କରୁଥିଲେ। ମାତ୍ର ଏହି ସ୍ଥାନକୁ ଯେତିକି ଗୁରୁତ୍ୱ ମିଳିବା କଥା, ତାହା ମିଳିନାହିଁ ବୋଲି ଅନୁଭବ ହେଉଛି। ନୀଳମାଧବ ମନ୍ଦିରକୁ ଦର୍ଶନ ପାଇଁ ଯିବାବେଳେ ଜଣେ ବି ବିଶ୍ୱାବସୁ ସମ୍ପ୍ରଦାୟର ସେବକଙ୍କୁ ସେଠାରେ ଦେଖିବାକୁ ପାଇଲିନି ବୋଲି ରାଷ୍ଟ୍ରପତି କହିଥିଲେ। ନୀଳମାଧବ ପୀଠ ଓ କାଳିଆପଲ୍ଲୀର ଭିତ୍ତିଭୂମି ବିକାଶ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କୁ ଆକୃଷ୍ଟ କରିବ। ପର୍ଯ୍ୟଟନର ବିକାଶ ହେଲେ ଏ ଅଞ୍ଚଳର ଅର୍ଥନୀତି ମଧ୍ୟ ସୁଦୃଢ଼ ହେବ ବୋଲି ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଚସ୍ପତି ସୁରମା ପାଢ଼ୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ଭାରତୀୟ ବିଶ୍ୱାବସୁ ଶବର ସମାଜ ଫାଉଣ୍ଡେସନର ସଭାପତି ହୃଷୀକେଶ ଦେହୁରୀ, ସମ୍ପାଦକ ବୈଷ୍ଣବ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସୋମବାର ଅପରାହ୍ଣ ୨ଟା ୨୫ ମିନିଟରେ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ରାଷ୍ଟ୍ରପତି କଣ୍ଟିଲୋ ପଲଟନ୍ ପଡ଼ିଆରେ ପହଞ୍ଚିବା ପରେ ପୂର୍ତ୍ତବିଭାଗ ଡାକ ବଙ୍ଗଳାକୁ ଯାଇ କିଛି ସମୟ ବିଶ୍ରାମ ନେଇଥିଲେ। ନୀଳମାଧବ ପୂଜକ ସଂଘ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବାଚସ୍ପତି ସୁରମା ପାଢ଼ୀଙ୍କ ସହିତ ମହାମହିମ୍ ମନ୍ଦିର ଭିତରକାଠ ନିକଟରେ ପ୍ରଭୁ ନୀଳମାଧବଙ୍କ ସ୍ୱତନ୍ତ୍ର ଚନ୍ଦନ ବେଶ ଦର୍ଶନ କରିଥିଲେ। ଏହା ପରେ ରାଷ୍ଟ୍ରପତି ସଡ଼କ ପଥ ଦେଇ ପ୍ରାୟ ୫ କିମି ଦୂରରେ ଥିବା ଶବର ରାଜା ବିଶ୍ୱାବସୁଙ୍କ ପୀଠ କାଳିଆପଲ୍ଲୀ ଅଭିମୁଖେ ଯାଇଥିଲେ। ଏହାପରେ ଭୁବନେଶ୍ୱର ଫେରି ରାଜଭବନରେ ରାତ୍ରିଯାପନ କରିଥିଲେ। ୨୫ତାରିଖ ସକାଳେ ବାୟୁସେନା ବିମାନ ଯୋଗେ ନୂଆଦିଲ୍ଲୀ ଫେରିଯାଇଛନ୍ତି।

## ପ୍ରଧାନମନ୍ତ୍ରୀ ହେବା ପରେ ପ୍ରଥମ ଥର ଆର୍‌ଏସ୍‌ଏସ୍ ହେଡକ୍ୱାଟରରେ ଯିବେ ମୋଦି



ନୂଆଦିଲ୍ଲୀ, ୨୫।୩ (ହି.ସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାର୍ଚ୍ଚ ୩୦ରେ ନାଗପୁରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟାଳୟ ପରିଦର୍ଶନ କରିବେ। ପ୍ରଧାନମନ୍ତ୍ରୀ ହେବା ପରେ ୧୧ ବର୍ଷ ମଧ୍ୟରେ ଏହା ପ୍ରଥମ ଥର ହେବ ଯେ ମୋଦି ଆରଏସଏସ ମୁଖ୍ୟାଳୟକୁ ଯିବେ ଏବଂ ସଂଘ ମୁଖ୍ୟ ମୋହନ ଭାଗବତଙ୍କୁ ଭେଟିବେ। ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦି ସେହି ଦିନ ଅନେକ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ, କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହେବ ମୋହନ ଭାଗବତଙ୍କ ସହ ସାକ୍ଷାତ। ଏହା ପୂର୍ବରୁ ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ମଧ୍ୟ ଆରଏସଏସ ମୁଖ୍ୟାଳୟ ପରିଦର୍ଶନ କରିଥିଲେ। ଅଯୋଧ୍ୟାରେ ରାମ ମନ୍ଦିର ଉଦଘାଟନ ପରେ ଏହି ବୈଠକ ପ୍ରଥମ ସାର୍ବଜନୀନ ଦୃଶ୍ୟ ହେବ। ପ୍ରଧାନମନ୍ତ୍ରୀ ମୋଦି ଆରଏସଏସ ସମର୍ଥିତ ମାଧବ ଚକ୍ଷୁ ହସ୍ପିଟାଲର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି କାର୍ଯ୍ୟକ୍ରମ ପରେ, ମୋଦି ଏବଂ ଭାଗବତଙ୍କ ମଧ୍ୟରେ ଏକ ମୁହାଁମୁହିଁ ସାକ୍ଷାତ ହେବ, ଯାହାକୁ ନେଇ ରାଜନୈତିକ ମହଲରେ ଖୁବ୍ ଆଲୋଚନା ହେଉଛି। ପ୍ରଧାନମନ୍ତ୍ରୀ ହେବା ପରେ ଏହା ପ୍ରଥମ ଥର ଯେ ମୋଦି ଆରଏସଏସ ମୁଖ୍ୟାଳୟ ଗସ୍ତ କରିବେ। ମୋଦି ଏବଂ ଭାଗବତଙ୍କ ମଧ୍ୟରେ ଏହି ସାକ୍ଷାତ ଏପରି ଏକ ସମୟରେ ହେଉଛି ଯେତେବେଳେ ଭାଜପା ଏବଂ ଆରଏସଏସ ମଧ୍ୟରେ ଉତ୍ତେଜନାକୁ ନେଇ କଳ୍ପନାଜଳ୍ପନା ଚାଲିଛି। ଭାଜପାର • ପୃଷ୍ଠା ୭ ଦେଖନ୍ତୁ...

## ୩୦ରେ ମୁଖ୍ୟମନ୍ତ୍ରୀ ବାଣ୍ଟିବେ ୫୦ ହଜାର ଘର

ଭୁବନେଶ୍ୱର, ୨୫।୩ (ଡିକେ ନ୍ୟୁଜ୍): ପ୍ରଧାନମନ୍ତ୍ରୀ ଆବାସ ସର୍ଭେରେ ଅଧିକାରୀଙ୍କୁ କଡ଼ା ଚେତାବନୀ ଦିଆଯାଇଛି। ଯଦି କୌଣସି କ୍ଷେତ୍ରରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରା ନ ଯାଏ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କଳାହାଣ୍ଡିରେ ଚଳିତମାସ ୩୦ରେ ଅନ୍ତ୍ୟୋଦୟ ଯୋଜନାରେ ୫୦ ହଜାର ଘର ମୁଖ୍ୟମନ୍ତ୍ରୀ ବାଣ୍ଟିବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୪ ଲକ୍ଷ ୨୨ହଜାର ୭୭୧ଜଣ ପିଏମ୍ ଆବାସ ଯୋଜନାରେ ପଞ୍ଜୀକରଣ ହୋଇ ସାରିଲେଣି। କେତେକ ସ୍ଥାନରେ ପାତରଅନ୍ତର ହେଉଥିବା ଅଭିଯୋଗ ଆସିଥିଲା, ତାକୁ ବିଭାଗ ଗୁରୁତ୍ୱ ଦେଇଛି। ଚଳିତ ମାର୍ଚ୍ଚ ୩୧ ସୁଦ୍ଧା ପ୍ରଧାନମନ୍ତ୍ରୀ ଆବାସ ପାଇବାକୁ କେତେ ପଞ୍ଜୀକରଣ କରିଛନ୍ତି ତା'ର ତାଲିକା ବିଭାଗର ହସ୍ତଗତ ହେବ। ପଞ୍ଚାୟତ ଏବଂ ବ୍ଲକସ୍ତରର ଅଧିକାରୀ ଯଦି ଯୋଗ୍ୟ ହିତାଧିକାରୀଙ୍କୁ ଛାଡ଼ିଥିବେ, ଯେଉଁଠୁ ଅଭିଯୋଗ ଆସିବ ସେହି କ୍ଷେତ୍ରରେ ବିଭାଗ ସେମାନଙ୍କ ପାଖରେ ପହଞ୍ଚିବ। ଯଦି ପାତର ଅନ୍ତର ହୋଇଥିବ, ଉଦ୍ଦେଶ୍ୟମୂଳକ ଭାବେ ତାଲିକାରେ ହିତାଧିକାରୀକୁ ନେଇ ନ ଥିବେ, ତା'ହେଲେ କାର୍ଯ୍ୟାନୁଷ୍ଠାନ ହେବ। ବାଦ୍ ପଡ଼ିଥିବା ହିତାଧିକାରୀ ଜିଲ୍ଲାପାଳ ଏବଂ ସିଡିଓଙ୍କ ପାଖରେ ଅଭିଯୋଗ କରିପାରିବେ।

## ୨୮ରେ ମୁଖ୍ୟମନ୍ତ୍ରୀଙ୍କ ଚିଲିକା ଗସ୍ତ

ବାଣପୁର, ୨୫।୩ (ଡିକେ ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପୂର୍ବ ନିର୍ଦ୍ଧାରିତ ଚିଲିକା ଗସ୍ତର ତାରିଖରେ ପରିବର୍ତ୍ତନ ହୋଇଛି। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ପୂର୍ବ ନିର୍ଦ୍ଧାରିତ ମାର୍ଚ୍ଚ ୩୦ ତାରିଖ ପରିବର୍ତ୍ତେ ମାର୍ଚ୍ଚ ୨୮ ତାରିଖରେ ଚିଲିକା ଗସ୍ତ କରିବେ। ମାର୍ଚ୍ଚ ୩୦ ତାରିଖରେ ବାଣପୁର ସ୍ଥିତ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ନାମରେ ନାମିତ ଗୋଦାବରୀଶ ଉଚ୍ଚ ବିଦ୍ୟାଳୟ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଥିଲା। ଉକ୍ତ ଶୁଭାରମ୍ଭ କାର୍ଯ୍ୟକ୍ରମ • ପୃଷ୍ଠା ୭ ଦେଖନ୍ତୁ...

## ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହେଲା ୫୦୦ କୋଟିର କର୍ପସ ଫଣ୍ଡ

ପୁରୀ, ୨୫।୩ (ଡ଼ିକେ ନ୍ୟୁଜ): ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଅର୍ଥ ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହୋଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। କର୍ପସ ଫଣ୍ଡ ଅର୍ଥ ଯୋଗଦେଇଥିବାରୁ ମୁଖ୍ୟ ପ୍ରଶାସକ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଉଲ୍ଲେଖଯୋଗ୍ୟ ବର୍ତ୍ତମାନର ସରକାର କ୍ଷମତାକୁ ଆସିବା ପରେ ପ୍ରଥମ କ୍ୟାବିନେଟ୍ • ପୃଷ୍ଠା ୭ ଦେଖନ୍ତୁ...

## ଏନକାଉଣ୍ଟରରେ ୫ ହାର୍ଡକୋର୍ ମାଓବାଦୀ ନିହତ

ଜଗଦଲପୁର, ୨୫।୩ (ହି.ସ) : ଛତିଶଗଡ଼ ଦନ୍ତେୱାଡ଼ା-ବିଜାପୁର ସୀମାନ୍ତରେ ଏନକାଉଣ୍ଟର। ପୋଲିସ ଗୁଳିରେ ୫ ହାର୍ଡକୋର୍ ମାଓବାଦୀ ନିହତ। ୩ ଜଣଙ୍କ ଶବ ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ। ଦନ୍ତେୱାଡ଼ା ଏସପି ଗୌରବ ରାୟ ଏନେଇ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ଇନ୍ଦ୍ରାବତୀ ନଦୀ କୂଳରେ ନକ୍ସଲମାନେ ମେଳି ବାନ୍ଧିଥିବା ଗୁଇନ୍ଦା ସୂତ୍ରରୁ ସୂଚନା ମିଳିଥିଲା। ଏହାପରେ ଦନ୍ତେୱାଡ଼ା ଏବଂ ବିଜାପୁରର ଯବାନମାନେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ମଙ୍ଗଳବାର • ପୃଷ୍ଠା ୭ ଦେଖନ୍ତୁ...

## ପିଓକେ ଖାଲି କର ନଚେତ ଭୋଗିବ ପରିଣାମ ପାକିସ୍ତାନକୁ ଧମକ ଦେଲା ଭାରତ




ନୂଆଦିଲ୍ଲୀ, ୨୫।୩ (ହି.ସ): ଭାରତ ପୁଣି ଥରେ ପାକିସ୍ତାନକୁ ମିଳିତ ଜାତିସଂଘରେ ଘେରିଛି। ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଶାନ୍ତି ବଜାୟ ରଖିବା ପ୍ରସଙ୍ଗରେ ଆଲୋଚନା ଚାଲିଥିବା ବେଳେ ଭାରତକୁ ଏକ ଭଲ ସୁଯୋଗ ମିଳିଥିଲା। ଏଠାରେ ପାକିସ୍ତାନ ପୁଣି ଥରେ ଜାମ୍ମୁ କାଶ୍ମୀର ପ୍ରସଙ୍ଗ ଉଠାଇଥିଲା। ତେବେ ଏଥର ମଧ୍ୟ ଭାରତ ପଡୋଶୀ ଦେଶକୁ ଏକ ଦର୍ପଣ ଦେଖାଇ ଏହାକୁ କଡା ଭର୍ତ୍ସନା କରିଛି। ବାସ୍ତବରେ ଭାରତର ସ୍ଥାୟୀ ପ୍ରତିନିଧୀ ରାଷ୍ଟ୍ରଦୂତ ହରିଶ ପି ପାକିସ୍ତାନକୁ ଟାର୍ଗେଟ କରିଛନ୍ତି ଏବଂ କହିଛନ୍ତି ଯେ, ପାକିସ୍ତାନ ଆମ ଜାମ୍ମୁ କାଶ୍ମୀର ଉପରେ ବାରମ୍ବାର ଭିତ୍ତିହୀନ ତଥା ଅନାବଶ୍ୟକ ବିବୃତ୍ତି ଦେଇଥାଏ। ପାକିସ୍ତାନର ମିଥ୍ୟା ଦାବିକୁ କିମ୍ବା ଆତଙ୍କବାଦ ବିସ୍ତାର କରିବାର ନୀତିକୁ ଏଭଳି ବିବୃତ୍ତି ସଠିକ୍ ବୋଲି ପ୍ରମାଣିତ କରିପାରିବ ନାହିଁ। ଭାରତ ମଧ୍ୟ ସ୍ପଷ୍ଟ ଶବ୍ଦରେ କହିଛି ଯେ, ପାକିସ୍ତାନ ଜମ୍ମୁ-କଶ୍ମୀରର କିଛି ଅଂଶକୁ ବେଆଇନ ଭାବେ ଦଖଲ କରିଛି ଏବଂ ତାଙ୍କୁ ସେହି ଅଞ୍ଚଳ ଛାଡିବାକୁ ପଡିବ। ଛୋଟ ଚିନ୍ତାଧାରା ଏବଂ ଦେଶକୁ ବିଭାଜନ କରିବାର ନୀତି ଛାଡି ଶାନ୍ତି ଆଡକୁ ପାଦ ଦେବା ଉଚିତ ବୋଲି ପାକିସ୍ତାନକୁ ହରିଶ ପରାମର୍ଶ ଦେଇଛନ୍ତି। ମିଳିତ ଜାତିସଂଘରେ ଅନୁଷ୍ଠିତ ଏହି ବୈଠକରେ ଭାରତ ଏକ ଦୃଢ ବାର୍ତ୍ତା ଦେଇ • ପୃଷ୍ଠା ୭ ଦେଖନ୍ତୁ...

## ରାଜ୍ୟରେ ଆରମ୍ଭ ହେବ 'ମୁଖ୍ୟମନ୍ତ୍ରୀ ବସ୍ ସେବା'



ଭୁବନେଶ୍ୱର, ୨୫।୩ (ଡିକେ ନ୍ୟୁଜ୍): ଓଡ଼ିଶା ସରକାର 'ମୁଖ୍ୟମନ୍ତ୍ରୀ ବସ୍ ସେବା' ଆରମ୍ଭ କରିବେ, ଯାହା ରାଜ୍ୟର ସମସ୍ତ ରୁଟରେ ଚଳାଚଳ କରିବ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ରାଜ୍ୟ ବିଧାନସଭାକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପୂର୍ବ ବିଜେଡି ସରକାର ନିର୍ବାଚନକୁ ପ୍ରଭାବିତ କରିବା ପାଇଁ LAccMI ବସ୍ ସେବା ପ୍ରଚଳନ କରିଥିଲେ। ତଥାପି, ବର୍ତ୍ତମାନର ସରକାର ନିଶ୍ଚିତ କରିବେ ଯେ 'ମୁଖ୍ୟମନ୍ତ୍ରୀ ବସ୍ ସେବା' ରାଜ୍ୟର ସମସ୍ତ ରୁଟରେ ଚାଲିବ। ଏହି ପଦକ୍ଷେପର ଅଂଶ ସ୍ୱରୂପ, ବରିଷ୍ଠ ନାଗରିକ, ମହିଳା ଏବଂ ଛାତ୍ରମାନେ ୫୦% ଭଡ଼ା ରିହାତି ପାଇବେ, ମନ୍ତ୍ରୀ ଗୃହକୁ ସୂଚନା ଦେଇଛନ୍ତି, ଏହା ସହିତ, ରାଜ୍ୟ ସରକାର ତାଙ୍କ ଫ୍ଲିଟରେ ୧୨ଟି ନୂତନ ସୁପର-ପ୍ରିମିୟମ୍ ଡିଲକ୍ସ ବସ୍ ପ୍ରଚଳନ କରିବେ। ଏହି ପଦକ୍ଷେପର ଲକ୍ଷ୍ୟ ସାର୍ବଜନୀନ ପରିବହନକୁ ବୃଦ୍ଧି କରିବା ଏବଂ ସାରା ଓଡ଼ିଶାରେ ଯାତ୍ରୀମାନଙ୍କ ପାଇଁ ଉତ୍ତମ ସଂଯୋଗ ପ୍ରଦାନ କରିବା। ଜାନୁଆରୀ ୨୦୨୫ରେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସାରା ସାଧାରଣ ପରିବହନ ଏବଂ ପର୍ଯ୍ୟଟନକୁ ବୃଦ୍ଧି କରିବା ଲକ୍ଷ୍ୟରେ ନୂତନ ବସ୍ ସେବାର ଏକ ଶୃଙ୍ଖଳାର ଶୁଭାରମ୍ଭ କରିଥିଲେ। ଏହି ପଦକ୍ଷେପ ଦ୍ୱାରା ପାଞ୍ଚଟି ଡବଲ-ଡେକର ବସ୍, ଦଶଟି ହପ୍-ଅନ୍-ହପ୍-ଅଫ୍ ବସ୍ ଏବଂ ପଚିଶଟି ଇଲେକ୍ଟ୍ରିକ୍ ବସ୍ ପ୍ରଚଳନ କରାଯାଇଥିଲା, ଯାହା ଭୁବନେଶ୍ୱର, କଟକ ଏବଂ ପୁରୀ ଭଳି ପ୍ରମୁଖ ସହର ମଧ୍ୟରେ ସଂଯୋଗୀକରଣକୁ ଉନ୍ନତ କରିବା ଉପରେ ଧ୍ୟାନ ଦେଇଥାଏ। ଭୁବନେଶ୍ୱର, କଟକ ଏବଂ ପୁରୀ ମଧ୍ୟରେ ଯାତାୟାତ କରୁଥିବା ଯାତ୍ରୀମାନଙ୍କ ପାଇଁ ଏକ ଅନନ୍ୟ ଏବଂ ଦକ୍ଷ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବା ପାଇଁ ଡବଲ-ଡେକର ବସ୍ ଡିଜାଇନ୍ କରାଯାଇଛି। ଏକ ସଂରଚିତ ସମୟସାରଣୀରେ କାର୍ଯ୍ୟ କରୁଥିବା ଏହି ବସଗୁଡ଼ିକ ବାସିନ୍ଦା ଏବଂ ପର୍ଯ୍ୟଟକ ଉଭୟଙ୍କ ପାଇଁ ସୁବିଧାଜନକ ପରିବହନକୁ ସୁବିଧାଜନକ କରିବା ଲକ୍ଷ୍ୟ ରଖିଛି। ଭୁବନେଶ୍ୱର ଏବଂ କଟକରେ, ନୂତନ ଭାବରେ ପ୍ରଚଳିତ ହୋଇଥିବା ହପ୍-ଅନ୍-ହପ୍-ଅଫ୍ ବସ୍ ବିଶେଷ ଭାବରେ ପର୍ଯ୍ୟଟକମାନଙ୍କୁ ସେବା ଯୋଗାଇଥାଏ, ଏହି ସହରଗୁଡ଼ିକ ମଧ୍ୟରେ ପ୍ରମୁଖ ଆକର୍ଷଣ ଏବଂ ସ୍ଥଳଗୁଡ଼ିକୁ ସଂଯୋଗ କରିଥାଏ। ଏହି ସେବା ନମନୀୟତା ଏବଂ ସୁବିଧା ପ୍ରଦାନ କରେ, ଯାହା • ପୃଷ୍ଠା ୭ ଦେଖନ୍ତୁ...

## ୭ ଦିନ ପାଇଁ ଗୃହରୁ ନିଲମ୍ବିତ ହେଲେ କଂଗ୍ରେସର ୧୨ ବିଧାୟକ

ଭୁବନେଶ୍ୱର, ୨୫।୩ (ଡିକେ ନ୍ୟୁଜ୍): ଗୃହ ଭିତରେ ବାରମ୍ବାର ବିଶୃଙ୍ଖଳିତ ଆଚରଣ କରିବା କଂଗ୍ରେସ ବିଧାୟକମାନଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ବାଚସ୍ପତିଙ୍କ ପ୍ରତି ଅସମ୍ମାନ, ବିଧାନସଭାରେ ଅଶୋଭନୀୟ ଆଚରଣ ଓ ବିଧାନସଭାର ନିୟମ ଉଲ୍ଲଙ୍ଘନ ପାଇଁ କଂଗ୍ରେସର ୧୨ଜଣ ବିଧାୟକ ବିଧାନସଭାରୁ ନିଲମ୍ବିତ ହୋଇଛନ୍ତି। ଏହି ନିଲମ୍ବନ ତାଲିକାରେ ତାରାବାହିନୀ ପତି ଓ ରମେଶ ଜେନା ନାହାନ୍ତି। ଗୃହକାର୍ଯ୍ୟ ଜାରି ଥିବା ବେଳେ କଂଗ୍ରେସ ବିଧାୟକମାନେ ବାରମ୍ବାର ବିଶୃଙ୍ଖଳିତ ଆଚରଣ କରୁଥିବା ନେଇ ଶାସକ ଦଳ ଅଭିଯୋଗ ଆଣିଛି। ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ମଙ୍ଗଳବାର ଅପରାହ୍ଣରେ କଂଗ୍ରେସ ବିଧାୟକଙ୍କ ନିଲମ୍ବନ ପାଇଁ ପ୍ରସ୍ତାବ ଆଣିଥିଲେ। ଫଳ ସ୍ୱରୂପ କଂଗ୍ରେସର ମୋଟ ୧୪ ବିଧାୟକଙ୍କ ଭିତରୁ ୧୨ ଜଣ ଆଗାମୀ ୭ ଦିନ ପାଇଁ ନିଲମ୍ବିତ ହୋଇଛନ୍ତି। ନିଲମ୍ବିତ ହୋଇଥିବା କଂଗ୍ରେସର ବିଧାୟକମାନେ ହେଲେ, ରାମଚନ୍ଦ୍ର କାଡାମ, ସିଏସ୍ ରାଜନ ଏକ୍କା, ଦାସରଥୀ ଗମାଙ୍ଗ, ଅଶୋକ ଦାସ, ସତ୍ୟଜିତ ଗମାଙ୍ଗ, ସାଗର ଦାସ, ପ୍ରଫୁଲ୍ଲ ପ୍ରଧାନ, ମଙ୍ଗୁ ଖିଲ, ପବିତ୍ର ସାଉନ୍ତା, କାଦ୍ରାକା ଆପାଲାସ୍ୱାମୀ, ନୀଳମାଧବ ହିକକା ଏବଂ ସୋଫିଆ। ତେବେ ଜୟପୁର ବିଧାୟକ ତାରା ବାହିନୀପତି ଏବଂ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କୁ ଛାଡ଼ି ଅନ୍ୟ ସମସ୍ତେ ନିଲମ୍ବିତ ହୋଇଛନ୍ତି। ପୁଣି ବିଧାନସଭାରେ ହଙ୍ଗାମା ଯୋଗୁଁ ୧୫ ମିନିଟ ପାଇଁ ଗୃହ କାର୍ଯ୍ୟ ମୁଲତବି ରଖାଯାଇଥିଲା। ନିଲମ୍ବିତ ବିଧାୟକ ଦାଶରଥୀ ଗମାଙ୍ଗ କହିଛନ୍ତି, ରାଜ୍ୟ ସରକାର କଂଗ୍ରେସର ୧୨ ଜଣ ବିଧାୟକଙ୍କୁ ନିଲମ୍ବନ କରିବା ଦୁର୍ଭାଗ୍ୟର କଥା। କଂଗ୍ରେସର ବିଧାୟକମାନେ ସେମାନଙ୍କର ଦାବି କରୁଥିଲେ। ବାଚସ୍ପତିଙ୍କ ଆଭିମୁଖ୍ୟ ଗଣତନ୍ତ୍ର ପ୍ରତି ବିପଦ ସୂଚନା। କାରଣ ସେ ପକ୍ଷପାତ କରୁଛନ୍ତି। ବିଧାନସଭାରେ ପୂର୍ବରୁ ଏଭଳି ହୋଇ ନଥିଲା।

## ପ୍ରଥମଥର ପାଇଁ ୧ ଲକ୍ଷ କୋଟିର ବଜେଟ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା



ନୂଆଦିଲ୍ଲୀ, ୨୫।୩ (ହି.ସ): ଦିଲ୍ଲୀର ଭାଜପା ସରକାର ମଙ୍ଗଳବାର ବିଧାନସଭାରେ ଏହାର ପ୍ରଥମ ବଜେଟ ଉପସ୍ଥାପନ କରିଛନ୍ତି। ଭାଜପା ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ ବଜେଟରେ ଏକ ବିରାଟ ବୃଦ୍ଧି କରିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ତାଙ୍କ ବଜେଟ ଭାଷଣରେ ଅନେକ ବଡ଼ ଘୋଷଣା କରିଥିଲେ। ସେ କହିଛନ୍ତି ଯେ ୨୦୨୫-୨୬ରେ ଦିଲ୍ଲୀର ବଜେଟ ୧ ଲକ୍ଷ କୋଟି ଟଙ୍କା ହେବ। ଯାହା ପୂର୍ବ ଆର୍ଥିକ ବର୍ଷ ୨୨୦୨୪-୨୫ ତୁଳନାରେ ୩୧.୫ ପ୍ରତିଶତ ଅଧିକ। ସୂଚନାଯୋଗ୍ୟ, ଏଥର ଭାଜପା ସରକାର ଦିଲ୍ଲୀ ବଜେଟର ଥିମ 'ବିକଶିତ ଦିଲ୍ଲୀ' ରଖିଛି। ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପ୍ରକାଶିତ ଭାଜପାର ଘୋଷଣାପତ୍ରର ଏକ ଝଲକ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ବଜେଟରେ ଦେଖିବାକୁ ମିଳିଥିଲା। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ତାଙ୍କ ସରକାରଙ୍କ ପ୍ରଥମ ବଜେଟ ଉପସ୍ଥାପନ କରିବା ସମୟରେ ଘୋଷଣା କରିଥିଲେ ଯେ ରାଜଧାନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ଯୋଜନା ପରି ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଜନା ସ୍କୁଲ ଖୋଲିବ। ଏଥିପାଇଁ ୧୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଏହା ସହିତ ଦିଲ୍ଲୀର ୧୦୦ଟି ସରକାରୀ ସ୍କୁଲରେ ଭାଷା ପ୍ରୟୋଗଶାଳା ଖୋଲିବାକୁ ଘୋଷଣା କରାଯାଇଛି। ଏହାକୁ ପୂର୍ବତନ ରାଷ୍ଟ୍ରପତି ମିଶାଇଲ ମ୍ୟାନ ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ନାମରେ ନାମିତ କରାଯିବ। ଏଥିପାଇଁ ସରକାର ୨୧ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ଏଗୁଡ଼ିକ ବ୍ୟତୀତ, ଭାଜପା ସରକାର ବଜେଟ ଭାଷଣରେ ୧୭୫ଟି ନୂତନ କମ୍ପ୍ୟୁଟର ଲ୍ୟାବ ଏବଂ ସ୍ମାର୍ଟ କ୍ଲାସ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ। ଯାହା ପାଇଁ ୧୦୦ କୋଟି ଟଙ୍କାର ପାଣ୍ଠି ଦିଆଯିବ। ସେହି • ପୃଷ୍ଠା ୭ ଦେଖନ୍ତୁ...

## ଆଗାମୀ ୫ ଦିନରେ ତାପମାତ୍ରା ଧୀରେଧୀରେ ବଢ଼ିବ: ପାଣିପାଗ ବିଭାଗ

ଭୁବନେଶ୍ୱର, ୨୫।୩ (ଡିକେ ନ୍ୟୁଜ୍): କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ତାପମାତ୍ରା ସାଧାରଣ ଥିବା ବେଳେ ଚଳିତ ସପ୍ତାହର ଶେଷ ବେଳକୁ ଏହା ଧୀରେଧୀରେ ବିବାର ସମ୍ଭାବନା ରହିଛି। ଆସନ୍ତା ୨୯ ତାରିଖ ବେଳକୁ ହିଟ୍ ୱେଭ୍ ଫେରିବ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏଭଳି ପୂର୍ବାନୁମାନ କରାଯାଇଛି। ଆଗାମୀ ୫ ଦିନରେ ତାପାମାତ୍ରା ଧୀରେଧୀରେ ବଢ଼ିବ ବୋଲି କୁହାଯାଇଛି। ପାଣିପାଗ ବିଭାଗ ହିଟ ୱେଭ ପାଇଁ ସତର୍କତା ଜାରି କରିଛି। ତାତି ପୁଣି ବଢ଼ିବ ବୋଲି କହିଛି। ସେପଟେ ଆଗାମୀ ୭ ଦିନ ପାଗ ବିଶେଷ ଶୁଖିଲା ରହିବ ବୋଲି କହିଛି। ଆଗାମୀ ୫ ଦିନ ତାପମାତ୍ରା ଧୀରେଧୀରେ • ପୃଷ୍ଠା ୭ ଦେଖନ୍ତୁ...